**Roll Number**

| | | | | | | |
|---|---|---|---|---|---|---|
| | | | | | | |

# DAV PUBLIC SCHOOLS, ODISHA

## PERIODIC ASSESSMENT –III, 2023-24

**General Instructions:-**

- **Check that this question paper contains 02 printed pages.**
- **Check that this question paper contains 06 questions.**
- **The question paper consists of 4 parts.**

| | | |
|---|---|---|
| **PART – A :** | **Comprehension** | **05 marks** |
| **PART – B :** | **Writing** | **05 marks** |
| **PART – C :** | **Grammar** | **14 marks** |
| **PART – D :** | **Literature** | **16 marks** |

**Class - VIII**

**Sub- Lower Odia**

**Time – 1 hr. 30 Mins** **F.M. – 40**

**Section-A**

1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। 5 x 1 = 5

କଥାରେ ଅଛି- ଜଳ ହିଁ ଜୀବନ। ଅର୍ଥାତ୍, ଜଳ ବିନା ସୃଷ୍ଟି ଅଥବା ଜୀବଜଗତ ବଞ୍ଚିପାରିବ ନାହିଁ। ମଣିଷଠାରୁ ଆରମ୍ଭ କରି ପ୍ରତ୍ୟେକ ଜୀବଜନ୍ତୁଙ୍କ ପାଇଁ ଜଳ ନିହାତି ଦରକାର। ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିବାରୁ ନାନାଦି କ୍ଷେତ୍ରରେ ସମସ୍ୟାମାନ ଦେଖାଯାଉଛି। ସେଥିମଧ୍ୟରୁ ଜଳସଙ୍କଟ ଏକ ବଡ଼ ସମସ୍ୟା। ଅନେକ ଦେଶ ଏବେ ଜଳସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଆମ ଦେଶରେ ମଧ୍ୟ ଜଳ ସମସ୍ୟା କ୍ରମଶଃ ଗୁରୁତର ହେବାରେ ଲାଗିଛି। ଗୋଟିଏ ପାଖରେ ଅତ୍ୟଧିକ ଜଳର ଆବଶ୍ୟକତା, ଅନ୍ୟ ପଟରେ ଜଳସ୍ତର କମି କମି ଚାଲିଛି। ସୁତରାଂ, ଜଳକୁ ନେଇ ଉତ୍କଟ ସମସ୍ୟା ଦେଖାଦେବା ସ୍ୱାଭାବିକ। କେଉଁଠି ଜଳର ଅପବ୍ୟବହାର ହେଉଛି ତ କେଉଁଠି ପିଇବା ପାଇଁ ସୁଦ୍ଧା ଟୋପାଏ ଜଳ ମିଳୁ ନାହିଁ। ବୈଜ୍ଞାନିକମାନେ କହୁଛନ୍ତି ଆଗାମୀ ଦିନରେ ଜଳସମସ୍ୟା ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି। ଏଥିପାଇଁ ସବୁସ୍ତରରେ ପଦକ୍ଷେପ ନିଆଯିବା ଜରୁରୀ। ନଚେତ୍ ଆମେ ସମସ୍ତେ ନିଶ୍ଚିତ ଭାବରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗକରିବା, ଏଥିରେ ସନ୍ଦେହ ନାହିଁ।

i. ଜଳବିନା ଆମର ଅବସ୍ଥା କ'ଣ ହେବ ?
ii. କେଉଁଥିପାଇଁ ନାନାଦି କ୍ଷେତ୍ରରେ ସମସ୍ୟାମାନ ଦେଖାଯାଉଛି ?
iii. ଅନେକ ଦେଶ ଏବେ କେଉଁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ?
iv. ଜଳକୁ ନେଇ ଉତ୍କଟ ସମସ୍ୟା କାହିଁକି ଦେଖା ଦେଇଛି ?
v. ବୈଜ୍ଞାନିକମାନେ ଆଗାମୀ ଦିନରେ ଜଳସମସ୍ୟା ବିଷୟରେ କ'ଣ କହୁଛନ୍ତି ?

## Section-B

2. ନିୟମିତ ଖେଳାଖେଳି କରିବା ପାଇଁ ପରାମର୍ଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ । 5

## Section-C

3. i. ଶବ୍ଦଗୁଡ଼ିକର ଅର୍ଥ ଲେଖ । 4 x 1 = 4

ପ୍ରବାସ, ସର୍ବସ୍ୱ, ଉନ୍ମୁକ୍ତ, ଡାହା

ii. ବିପରୀତାର୍ଥବୋଧକ ଶବ୍ଦ ଲେଖ । 4 x 1 = 4

ଜ୍ଞାନୀ, ବ୍ୟବସ୍ଥା, ପାପ, ଅବର୍ଣ୍ଣନୀୟ

4. i. ଲିଙ୍ଗ ପରିବର୍ତ୍ତନ କର । 3 x 1 = 3

ଶିଷ୍ୟ, ଜନକ, ଚାକର

ii. ଗଦ୍ୟରୂପ ଲେଖ । 3 x 1 = 3

ପରାଣ, ସରଗ, ମରତ

## Section-D

5. ସଂକ୍ଷେପରେ ଉତ୍ତର ଲେଖ । 6 x 2 = 12

i. କବି ନିଜର ଜନ୍ମ ସମ୍ବନ୍ଧରେ କ'ଣ କହିଛନ୍ତି ?

ii. କବିଙ୍କ ଆଖିରେ କିଏ ନୂଆ ଚାହାଣି ଭରି ଦେଇଛି ?

iii. ଯଜ୍ଞର ନିୟମଗୁଡ଼ିକ କ'ଣ କ'ଣ ଥିଲା ?

iv. ଯମରାଜ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇଦେଲେ କାହିଁକି ?

v. ଆମେ କ'ଣ କଲେ ଆମକୁ ସମସ୍ତେ ଭଲ ପାଇବେ ?

vi. ଦୋକାନୀ ଜଣକ ମନେ ମନେ କାହିଁକି ଲଜ୍ଜିତ ହେଲେ ?

6. ନିର୍ଦ୍ଦିଷ୍ଟ ଉତ୍ତର ବାଛି ଲେଖ । 4 x 1 = 4

i. 'ଛୋଟ ମୋର ଗାଆଁଟି' କବିତାର କବି କିଏ ?

a. ଗଙ୍ଗାଧର ମେହେର b. ଅଭିମନ୍ୟୁ ସାମନ୍ତ ସିଂହାର

c. ସଚ୍ଚିଦାନନ୍ଦ ରାଉତରାୟ d. ଗୋପବନ୍ଧୁ ଦାସ

ii. ମହର୍ଷି ବାଜଶ୍ରବା କେଉଁ ଯଜ୍ଞ ଆୟୋଜନ କରିଥିଲେ ?

a. ଜଗତଜିତ୍ b. ବିଶ୍ୱଜିତ୍ c. ଅଶ୍ୱମେଧ d. ଆତ୍ମଜିତ୍

iii. ନଚିକେତାଙ୍କ ଦୃଷ୍ଟିରେ ଯମରାଜ କ'ଣ ଥିଲେ ?

a. ଜ୍ଞାନୀ ଗୁରୁ b. ମୃତ୍ୟୁ ଦେବତା c. ଅତିଥି d. ଅଜଣା ଶତ୍ରୁ

iv. ରାଜାଙ୍କ ସ୍ୱଭାବ କିପରି ଥିଲା ?

a. ଅଶାନ୍ତ b. ବିଚଳିତ c. ଶାନ୍ତ d. ଭୟଙ୍କର

***